# ବାକ୍ ସ୍ୱାଧୀନତାର ବି ସୀମା ଅଛି: ରସ୍କିନ୍ ବଣ୍ଡ୍

**ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍:** ଓଡ଼ିଆ ଆମ ଆତ୍ମାର ଭାଷା। ଓଡ଼ିଆ ଭାଷା ମରିଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି, ତାହା ଅମୂଳକ। ତେବେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ପରିବାରରେ ପ୍ରଥମେ ବାପା ମାଆ ପିଲାମାନଙ୍କ ସହିତ ଓଡ଼ିଆରେ କଥାବାର୍ତ୍ତା କରିବା ଆବଶ୍ୟକ ବୋଲି ବିଶିଷ୍ଟ ଲେଖକ ମନୋଜ ଦାସ କହିଛନ୍ତି।

ଆଜି ଟାଟା ଷ୍ଟିଲ୍ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିବସ ପ୍ରଥମ ଅଧିବେଶନରେ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ବିଶିଷ୍ଟ ଲେଖକ ମନୋଜ ଦାସ। ସେ କହିଥିଲେ, ପିଲାମାନଙ୍କ ନିକଟରେ ଭାଷା ଶିଖିବା ପାଇଁ ଅମାପ କ୍ଷମତା ରହିଛି। ଓଡ଼ିଆ ଭାଷାର ବହୁଳ ବ୍ୟବହାର ଦ୍ୱାରା ଭାଷାର ବିକାଶ ଘଟିବ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଥିଲେ, ହିନ୍ଦୀକୁ ରାଷ୍ଟ୍ରଭାଷା କରାଯିବାରେ କିଛି ଆପତ୍ତି ନାହିଁ। ସମଗ୍ର ଭାରତର ଲୋକେ ହିନ୍ଦୀ ଭାଷାକୁ ଭଲ ଭାବେ ବୁଝିପାରନ୍ତି। ସେହିପରି ଅରବିନ୍ଦଙ୍କ ଦର୍ଶନ ସମ୍ପର୍କରେ ମତ ଦେଇ ଶ୍ରୀ ଦାସ କହିଥିଲେ, ପଣ୍ଡିଚେରୀ ଆଶ୍ରମକୁ ଆସିବା ପୂର୍ବରୁ ମୁଁ ଲେଖକ ହୋଇ ସାରିଥିଲି। ତେବେ ପରବର୍ତ୍ତୀ ସମୟରେ ନିଜର ଲେଖକୀୟ ଜୀବନ ଉପରେ ଶ୍ରୀଅରବିନ୍ଦଙ୍କ ପ୍ରଭାବକୁ ସ୍ୱୀକାର କରି ଶ୍ରୀ ଦାସ କହିଥିଲେ, ଶ୍ରୀଅରବିନ୍ଦ ଦର୍ଶନର ମୂଳଭିତ୍ତି ହେଉଛି ବୃହତ୍ତର ମାନବତାର ବିକାଶ। ମଣିଷର ଅତିମାନସ ସ୍ତର ତଥା ଚେତନା ଶକ୍ତିର ବିକାଶ। ସାହିତ୍ୟ ସୃଜନଶୀଳତାର ପରିଭାଷା, ସ୍ଲୋଗାନ୍ ଓ ନୀତିବାଣୀ ରହିଲେ ତାହା ସାହିତ୍ୟ ହୋଇପାରିବ ନାହିଁ ବୋଲି ଶ୍ରୀ ଦାସ କହିଥିଲେ।

ଦ୍ୱିତୀୟ ଅଧିବେଶନରେ ରସ୍କିନ ବଣ୍ଡଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ସହିତ ତାଙ୍କର ଶିଶୁ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ପରିବେଶବିତ୍ ପଞ୍ଚମୀ ମାନୁ ଉକିଲ୍। ଶ୍ରୀ ବଣ୍ଡ୍ କହିଥିଲେ, ଭାରତରେ ପ୍ରଚୁର ବାକ୍ ସ୍ୱାଧୀନତା ରହିଛି। ବାକ୍ ସ୍ୱାଧୀନତା ମଧ୍ୟ ସୀମା ମଧ୍ୟରେ ରହିବା ଆବଶ୍ୟକ। ବାକ୍ ସ୍ୱାଧୀନତା ନାମରେ ଏପରି କିଛି କୁହାନଯାଉ, ଯାହା ଅନ୍ୟକୁ ଆଘାତ ଦେବ। ଭାରତରେ ରହିବା ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ମୋତେ ଯଦି ପଚରାଯାଇଥାନ୍ତା ଯେ ତୁମେ କେଉଁଠି ରହିବାକୁ ପସନ୍ଦ କରିବ, ତେବେ ମୁଁ କ'ଣ ଲେବାନନ, ବାଂଲାଦେଶ ବା ସିରିଆରେ ରହିବାକୁ କହିଥାନ୍ତି। ଭାରତରେ ରହିଥିବାରୁ ମୁଁ ଭାଗ୍ୟବାନ୍। ଭାରତରେ ନଦୀ,ଝରଣା, ପାହାଡ଼ ପର୍ବତ ମୋତେ ଲେଖିବା ପାଇଁ ଉପାଦାନ ଯୋଗାଇଛି ବୋଲି ଶ୍ରୀ ବଣ୍ଡ୍ କହିଥିଲେ। ବର୍ତ୍ତମାନ ଯନ୍ତ୍ର ଦ୍ୱାରା ପଠନ ଅଭ୍ୟାସ କମିଯାଉଛି। ତଥାପି ବହିର ସ୍ଥାନ କେହି ନେଇପାରିବେ ନାହିଁ। ଜଣେ ଯଦି ଲେଖିବାକୁ ଚାହିଁବ, ସେ କୌଣସି ସ୍ଥାନରେ ରହି ଲେଖିପାରିବ। ତେବେ ନୂଆ ଲେଖକମାନେ ନିଜର ଭାଷା ପ୍ରତି ସମ୍ମାନ ଦେଇ ଶିଖିବା ଆବଶ୍ୟକ ବୋଲି ସେ କହିଥିଲେ। ଜଣେ ଲେଖକ ଜୀବନରେ ସାମୟିକ ହତାଶା ଭାବ ଆସିବ, ମାତ୍ର ସେ ତାକୁ ଦୃଢ଼ ମନୋବଳ ସହ ଅତିକ୍ରମ କରିବା ଉଚିତ ବୋଲି ଶ୍ରୀ ବଣ୍ଡ୍ କହିଥିଲେ।

■'ବିକାଶ ନାମରେ ଭାଷାକୁ ମାରି ଦିଆନଯାଉ'

■ଓଡ଼ିଆ ଆମ ଆତ୍ମାର ଭାଷା: ମନୋଜ ଦାସ



ପରବର୍ତ୍ତୀ ଅଧିବେଶନରେ ଯୋଗ ଦେଇଥିଲେ ବିଶିଷ୍ଟ ଲେଖିକା ନିଆ ଡେଭିସ୍ ଓ ମମତା ସାଗର୍। ଏହି ଦୁଇ ଅତିଥିଙ୍କ ସହ ଆଲୋଚନା କରିଥିଲେ ପ୍ରତୀତି ଗଣତରା। ଅପରାହ୍ନରେ ୨ଟାରେ 'ଅନୁକୂଳ', 'ଜୁସ୍' ଓ 'ଛୁରୀ' ନାମରେ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ କିରଣ ନାଗରକର୍ ଓ ପ୍ରୟାଗ ଆକବର୍ ଯୋଗ ଦେଇଥିଲେ। ଏହି ଦୁଇ ଅତିଥିଙ୍କ ସହିତ ଆଲୋଚନା କରିଥିଲେ ମାଳବିକା ବାନାର୍ଜୀ। ମାତୃଭାଷା ସମ୍ପର୍କରେ ମତ ରଖିଥିଲେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପଞ୍ଚାନନ ମହାନ୍ତି ଓ ତନୟା ପଟ୍ଟନାୟକ। ଡ. ପଟ୍ଟନାୟକ କହିଥିଲେ, ପୃଥିବୀରେ ୭୦୦୦ ଭାଷା ମଧ୍ୟରୁ ୧୦୦୦ ଭାଷା ମରିଗଲାଣି। ଓଡ଼ିଶାରେ ମଧ୍ୟ ଅନେକ ଆଦିବାସୀ ଭାଷା ଲୋପ ପାଇଯାଇଛି। ବିକାଶ ନାମରେ ଭାଷାକୁ ମାରି ଦିଆନଯାଉ ବୋଲି ଡ. ପଟ୍ଟନାୟକ କହିଥିଲେ। ଡ. ପଞ୍ଚାନନ ମହାନ୍ତି କହିଥିଲେ, ୨୦୧୧ ଜନଗଣନା ଅନୁଯାୟୀ ୪୦ କୋଟି ଲୋକେ ତ୍ରିଭାଷୀ। ହିନ୍ଦୀ ସହିତ ଅନ୍ୟ ଦୁଇଟି ଭାଷାରେ କଥା କହୁଥିଲେ। ତେବେ ଅନ୍ୟ ୬୦ କୋଟି ଲୋକ ଦ୍ୱିଭାଷୀ ହୋଇଥିଲା ବେଳେ ଭାରତୀୟ ଆଞ୍ଚଳିକ ଭାଷାର ଉନ୍ନତି ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ଏହି ଅଧିବେଶନରେ 'ସମ୍ବାଦ' ଗ୍ରୁପର ନିର୍ଦ୍ଦେଶିକା ତନୟା ପଟ୍ଟନାୟକ କହିଥିଲେ, ବର୍ତ୍ତମାନ ଇଂରାଜୀ ଭାଷ କହିବା ଏକ ଫେସନ୍ ପାଲଟିଛି। ଯିଏ ହଲିଉଡ୍ ଫିଲ୍ମ ବିଷୟରେ ଆଲୋଚନା କରୁଛି, ଇଂରାଜୀ ଭାଷାର କଥା କହୁଛି, ତାକୁ ପ୍ରୋତ୍ସାହିତ କରାଯାଉଛି। ଓଡ଼ିଆ ଭାଷାରେ କଥା କହୁଥିବା ପିଲାକୁ ନିରୁତ୍ସାହିତ କରାଯାଉଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଥିଲେ। ଏହି ଅତିଥିଙ୍କ ସହିତ ଆଲୋଚନା କରିଥିଲେ ଲେଖକ ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ। ପରବର୍ତ୍ତୀ ଅଧିବେଶନରେ ଯୋଗ ଦେଇଥିଲେ ବିଶିଷ୍ଟ ଲେଖିକା ପ୍ରତିଭା ଶତପଥୀ ଓ ପାରମିତା ଶତପଥୀ। ଏହି ଅଧିବେଶନକୁ ସଞ୍ଚାଳନ କରିଥିଲେ ଅନନ୍ତ ମହାପାତ୍ର। ଶନିବାର ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେବେ ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦାମ୍ବରମ୍। 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ବିଶିଷ୍ଟ ସାମ୍ବାଦିକ ବର୍‌ଖା ଦତ୍ତ ମଧ୍ୟ ଏହି ଅଧିବେଶନରେ ଯୋଗ ଦେବେ। ଶେଷ ଦିନରେ ବିଶିଷ୍ଟ ଅଭିନେତ୍ରୀ ନନ୍ଦିତା ଦାସ, ରସିକା ଦୁଗଲ୍, ଅନିତା ରତ୍ନମ୍, ରବି ସୁବ୍ରମଣ୍ୟନ୍ୟମ୍, ଅର୍ଣ୍ଣବ ରାୟ, ଯାଜ୍ଞସେନୀ ଚକ୍ରବର୍ତ୍ତୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ଗଳ୍ପ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା, ଡ. ଗୌରହରି ଦାସ,ଯତୀନ୍ଦ୍ର ନାୟକ ଆଲୋଚନା କରିବେ। ଶେଷ ଅଧିବେଶନରେ ବିଜେପି ମୁଖପାତ୍ର ସମ୍ବିତ ପାତ୍ର, ବିଜେଡି ମୁଖପାତ୍ର ପିନାକୀ ମିଶ୍ର ଓ କଂଗ୍ରେସ ମୁଖପାତ୍ର ମନିଷ୍ ତିୱାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।